
ଆଦି ଗୁରୁ ଶ୍ରୀ ନାନକ ଦେବଜୀଙ୍କ

# ਜਪੁਜੀ ਸਾਹਿਬ

# ଜପୁଜୀ ସାହିବ

• କବିତାରେ ଓଡ଼ିଆ ଭାଷାନ୍ତର

ସରଦାର କୃପାଲ ସିଂହ 'ଚାୱଲା'
([illegible])
ଘୁଷୁରା ପଡ଼ା , ଭବାନୀପାଟଣା - 766001




୧ ଓଁ ସତିନାମୁ କରତା ପୁରଖୁ
ନିରଭଉ ନିରୱୈରୁ ଅକାଲ ମୂରତି
ଅଜୂନୀ ସୈଭଂ ଗୁର ପ୍ରସାଦି ॥

(ଉଚ୍ଚାରଣ :- ଏକ ଓଁକାର୍, ସତ୍‌ନାମ୍, କର୍ତ୍ତା ପୁରଖ୍, ନିର୍ଭଉ, ନିର୍‌ୱୈର୍, ଅକାଲ୍ ମୂରତ୍, ଅଜୁନୀ, ସୈଭଂ, ଗୁରପ୍ରସାଦ୍ ॥)

ଅର୍ଥ :- ସେହି ପରମତତ୍ତ୍ୱ ଯାହାର ନାମ ଓଁ, ସେ କେବଳ ଏକ, ଏକାଧିକ ନୁହନ୍ତି । ସେ ସତ୍ୟ ଅର୍ଥାତ୍ ଚିରସ୍ଥିତ । ସେ ସୃଷ୍ଟିର ଜନକ ଓ ସୃଷ୍ଟିରେ ପରିବ୍ୟାପ୍ତ । ସେ ଭୟହୀନ । ତାଙ୍କର କାହାରି ସହିତ ହେଲେ ଶତ୍ରୁତା ନାହିଁ । ତାଙ୍କର ଅସ୍ତିତ୍ୱ କାଳପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ । ତାଙ୍କର ଜନ୍ମ ନାହିଁ, କାରଣ ସେ ସ୍ୱତଃ-ପ୍ରକାଶିତ । ସେ କେବଳ ଗୁରୁ-କୃପା ଦେଇ ହିଁ ଉପଲବ୍ଧ ହୋଇଥାନ୍ତି ।

— ମୂଳମନ୍ତ୍ର, ଜପୁଜୀସାହିବ

# ଜପୁଜୀ ସାହିବ

୧ ଓଁକାର ସତ୍ୟନାମ ଯାର
ପ୍ରଭୁ ଏକାର ଈଶ୍ୱର ,
କରତାପୁରୁଷ ଥାଅନ୍ତି ଈଶ୍ୱର
ସେତ ନିର୍ଭୟ ନିର୍ବୈର ,
ପ୍ରଭୁ ଅକାଳ ମୂରତି ,
ସେ ଯୋନୀ ସ୍ୱୟଂଭୂ ସେ ପରମ ପିତା
ଗୁରୁ ପ୍ରସାଦେ ମିଳନ୍ତି ।

॥ ଜପ ॥

ଆଦ୍ୟେ ଏକ ସତ୍ୟ ପୁଣି ରହିଥିଲେ
ଯୁଗାଦ୍ୟରେ ଥିଲେ ସତ୍ୟ
ରହିଛନ୍ତି ସଦା ସେ ସତ୍ୟ 'ନାନକ'
ଥିବେ ସଦା ସେହି ସତ୍ୟ ॥୧॥

ଶୁଚି କରି କୋଟି ହେବ ଶୁଚିମନ୍ତ
ଶୁଚି ନୋହେ ହେଲେ ଲକ୍ଷେକ ବାର ,
ନୀରବରେ ଯେବେ ଧ୍ୟାନ କଲେ ହେଲେ
ମନ ନ ହୁଅଇ କେବେ ହେଁ ସ୍ଥିର ॥
ଭୁଖ ଉପବାସେ ଷୁଧା[1] ନ ମେଣ୍ଟଇ
ପାଇ ପୁରୀଧନ[2] ସମ୍ଭାରି ଯେବେ ।
ସହସ୍ର ଚତୁରୀ ଲକ୍ଷ ଥିଲେ ହେଲେ
ଗୋଟିଏ ନ ଚଳେ ମାୟାରି ସାଥେ ॥

୧-ଷୁଧା - ଇହ ଜଗତରେ ତୃଷ୍ଣା ଭୁଖା ଷୁଧା , ଲାଳସା
୨-ପୁରୀଧନ - ବୈକୁଣ୍ଠପୁରୀ, ଇନ୍ଦ୍ରପୁରୀ, କୁବେର ପୁରୀ ଆଦିର ଧନ ସମ୍ପତ୍ତି

ମିଥ୍ୟାର ପରଦା ଛୁଟିବ କିପରି
→ ସତ୍ୟାଗ୍ରହୀ କିଓ କିପରି ହେବ ।
ପ୍ରଭୁ ଆଜ୍ଞାରେ ଯେ ଚଳିବ ନାନକ
→ ଜୀବ ସଙ୍ଗତେରେ ଯା ଲେଖା ଥିବ ॥ ୧ ॥

ପ୍ରଭୁ ଆଜ୍ଞା ବଳେ ହୋଇ ଅଛି ସୃଷ୍ଟି
→ ସେହି ଆଜ୍ଞା ରହସ୍ୟ କହି ନୁହଇ ।
ଆଜ୍ଞାରେ ହୁଅଇ ଜୀବର ଉତ୍ପତ୍ତି
→ ଆଜ୍ଞାରେ ମିଳଇ ଯେତେ ବଡ଼ାଇ ॥
ଆଜ୍ଞାରେ ହୁଅଇ ଜୀବ ଉଚ୍ଚନୀଚ
→ ଆଜ୍ଞାରେ ଭୋଗଇ ସେ ଦୁଃଖ ସୁଖ ।
ଆଜ୍ଞାରେ ମିଳଇ ଜନ୍ମ ମୃତ୍ୟୁ ଚକ୍ର
→ ଆଜ୍ଞାରେ ଜୀବକୁ ମିଳଇ ମୋକ୍ଷ ॥
ପ୍ରଭୁ ଆଜ୍ଞା ମଧ୍ୟେ ସକଳ ସଂସାର
→ ଆଜ୍ଞାର ବାହାରେ କିଛି ନଥାଇ ।
ସେ ଆଜ୍ଞାକୁ ବୁଝି ପାରିଲେ, ନାନକ
→ ଗର୍ବ ଅହମିକା ରହଇ ନାହିଁ ॥ ୨ ॥

ଶକତି ଗଣକୁ ଗାନ କରେ କିଓ
→ ପ୍ରଭୁ କୃପା ଶକ୍ତି ଆଉ ଆଧାର ।
ପ୍ରଭୁଦାନ ଦ୍ରବ୍ୟ ପ୍ରଭୁ ରୂପ ମଣି
→ ଗାନ କରେ କିଓ ଗୁଣ ବିହାର ॥
ଗାନ କରେ କିଓ ଅକାଳ ପ୍ରଭୁର
→ ବଡ଼ିମା ମହିମା ସୁନ୍ଦର ଗୁଣ ।
ଗାନ କରେ କିଓ ବିଦ୍ୟା ବୁଦ୍ଧି ବଳେ
→ ପ୍ରଭୁ ଗୁଣ ଗୂଢ଼ ତତ୍ତ୍ୱକୁ ପୁଣ ॥
କିଓ ଗାଏ- "ପ୍ରଭୁ ଶରୀର ଦେଇ
→ ଭାଙ୍ଗି ଦେଇ ପୁଣି ପାଉଁଶ କରଇ ।"
କିଓ ଗାଏ- "ପ୍ରଭୁ ଜୀବ ଧରି ନେଇ
→ ରଖଇ ଜୀବନ ଅନ୍ୟ ଘଟରେ ॥

ଗାଏ କିଏ.. "ପ୍ରଭୁ ହୁଅନ୍ତି ପ୍ରତୀତ
→ ଦୂରେ ସବୁଠାରୁ ବହୁତ ଦୂରେ ।
ଗାଏ କିଏ.. "ସେତ ସର୍ବମୟ ପ୍ରଭୁ
→ ସବୁ ଦେଖୁଅଛି ଥାଇ ସବୁରେ ॥
ଯେତେ କହୁ କୋଟେ ଅନ୍ତ ନ ହୁଅଇ
→ ପ୍ରଭୁ ପରବ୍ରହ୍ମ କଥା ଅପାର ।
ଗାୟନ ବର୍ଣ୍ଣନ କରି କୋଟି କୋଟି
→ କୋଟି ଜନ ତାରୁ କହନ୍ତି ସାର ॥
ହାଲିଆ ହୁଅନ୍ତି ନେଇ ନେଇ ସର୍ବେ
→ ଦାତା ପ୍ରଭୁ ସଦା ଦେଉଛି ଦାନ ।
ଯୁଗ ଯୁଗାନ୍ତର ଖାଉଛନ୍ତି ସିନା
→ ନ ସରଇ କେବେ ତାହାର ଅନ ॥
ପ୍ରଭୁ ଆଜ୍ଞା ସାଗୁ ସଂସାରକୁ ସଦା
→ ପଥରେ ତାହାର ନିଂ ଚଳାଇ ,
ନାନକ ସେ ପ୍ରଭୁ ଦେଖି ତ ସୃଷ୍ଟିକି
→ ଆନନ୍ଦେ ହସଇ ନିଶ୍ଚିନ୍ତ ହୋଇ ॥୩॥

ସଦା ଅଟଳ ସେ ଅକାଳ ପୁରୁଷ
→ ସତ୍ୟ ଅଟେ ତାର ନ୍ୟାୟ ବିଚାର ।
ଅଟେ ପ୍ରେମମୟ ମଧୁ ଭାଷା ତାର
→ ଅନନ୍ତ ସିଏ ତ ଗୁଣ ଅପାର ॥
ମାଗଇ ଦୁନିଆ ଦିଅ ଦିଅ ବୋଲି
→ ସବୁ କିଛି ସେ ତ କରଇ ଦାନ ।
ଦରବାରେ ତାର କିସ ଭେଟି ଦେଲେ
→ ମିଳିବ ନୟନେ ତାର ଦର୍ଶନ ॥
କି ଭାଷାରେ ପ୍ରାଣୀ କି ବୋଲିବ ମୁଖେ
→ ଶୁଣି ଯାହା ସିଏ କରିବ ପ୍ରେମ ।
ଅମୃତ ବେଳାରେ ଚିନ୍ତନ କରିବ
→ ଯଶ ତାର ଆଉ ସାହିବ ନାମ ॥

ଜୀର୍ଣରେ ମିଳଇ ତନୁ ରୂପେ ବସ୍ତ୍ର
→ ତା କୃପା ଦୃଷ୍ଟିରେ ମୁକତି ଦ୍ୱାର ।
ମାନବଙ୍କ ଏ ରୂପେ ଜାଣି ରଖ ତୁମେ
→ ସବୁ ସତ୍ୟ ସେହି ଏକ ଇଶ୍ୱର ॥ ୪ ॥

କେ କରି ପାରିବ ସ୍ଥାପନା ତାହାର
→ ଗଢ଼ି କେ ପାରିବ ମୂର୍ତ୍ତି ଆକାର ।
ସେ ଯେ ପରା ନିର୍ମାତା ଅନାଦି ଅନନ୍ତ
→ ଆପେ ନିରଞ୍ଜନ ପରମେଶ୍ୱର ॥
ସେ ଏକ ପ୍ରଭୁର ସେବା କଲା ଯିଏ
→ ସିଏ ହିଁ ପାଇଲା ମାନ ସମ୍ମାନ ।
ସ୍ତୁତି ଗାନ ତାର କରିବା ମାନବ
→ ସେ ଅଟେ ସକଳ ଗୁଣ ନିଧାନ ॥
ଗାଇଲେ ଶୁଣିଲେ ସ୍ତୁତି ଗାନ ସଦା
→ ମନେ ରଖି ପ୍ରେମ ଭକ୍ତି ତାହାର ।
ମନରେ ଆନନ୍ଦ ସୁଖ ବିରାଜିବ
→ ସବୁ ଦୁଃଖ କ୍ଲେଶ ହୋଇବ ଦୂର ॥
ଗୁରୁ ଉପଦେଶେ ମିଳେ ନାମ ଜ୍ଞାନ
→ ଗୁରୁ ଉପଦେଶେ ମିଳଇ ମୁକ୍ତି ।
ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଶିବ
→ ଗୁରୁ ହିଁ ଅଟନ୍ତି ମାତା ପାର୍ବତୀ ॥
ଜାଣିଲେ କି ମୁହିଁ କହି ନ ପାରିବି
→ ପ୍ରଭୁ ଗାଥା କରି ନୁହେଁ ବଖାଣ ।
କହି ଦିଅ ଗୁରୁ ସେ ଏକ ଜ୍ଞାନ,
ସକଳ ଜୀବର ସେହି ଏକ ଦାତା
→ ପାଶୋରି ନ ଯାଉ କେବେ ମୋ ମନ ॥ ୫

ତୀର୍ଥରେ ସ୍ନାହାନ କରିବଇଁ ମୁହିଁ
→ ଯଦି ଟ ପ୍ରଭୁଙ୍କୁ ଲାଗିବ ପ୍ରିୟ ।
ପ୍ରିୟ ଭାଜନ ମୁଁ ହେବି ନାହିଁ ଯଦି
→ ତୀର୍ଥ ସ୍ନାନ କରି କି ଲାଭ କୁହ ॥

ସୃଷ୍ଟିରେ ଉତ୍ପତ୍ତି ହୋଇ ଅଛି ଯାହା
→ ଯାହା କିଛି ଏକା ଦେଖାଇ ମୁହିଁ ।
ପୂଣ୍ୟ ନ ସଞ୍ଚିଲେ କେ ପାଇବ କିସ
→ କର୍ମ ବିନା କିଛି ମିଳଇ ନାହିଁ ॥
ବୁଦ୍ଧିରେ ଅଛଇ ହୀରା ନୀଳା ମୋତି
→ ଶୁଣିଲେ ଏକାଇ ଗୁରୁ ବଚନ ।
କହିଦିଅ ଗୁରୁ ମୋ ଏକ ଜ୍ଞାନ,
ସକଳ ଜୀବର ସେଇ ଏକ ଦାତା
→ ପାଶୋରି ନ ଯାଉ କେବେ ମୋ ମନ ॥୬॥

ଚାରି ଯୁଗ ସମ ଆୟୁଷ ହୋଇବ
→ ଆହୁରି ହୋଇବ ତା ଦଶଗୁଣ ।
ଶାସ୍ତ୍ର ସଂସାରରେ ଜାଣିବେ ସଭିଏଁ
→ ସଙ୍ଗତେ ଚଳିବେ ସମସ୍ତ ଜନ ॥
ଯଶ କୀର୍ତ୍ତି ନର ରଖିବ ଜଗତେ
→ ହୋଇବ ତାହାର କେତେ ସୁନାମ ।
ପ୍ରଭୁ କୃପା ଦୃଷ୍ଟି ନ ପାଇଲା ଯଦି
→ ସେ ଆଶାହୀନ ତା ବ୍ୟର୍ଥ ଜୀବନ ॥
କୀଟ ମଧ୍ୟେ କ୍ଷୁଦ୍ର କୀଟ ସମାନ,
ନାମ ଭୁଲି ଯିବ ପ୍ରଭୁ ଦରବାରେ
→ ଦୋଷୀ ରୂପେ ନିଶ୍ଚେ ହୋଇବ ଗଣ୍ୟ ॥
ନାନକ ନିର୍ଗୁଣେ ଗୁଣ ଦିଅ ପ୍ରଭୁ
→ ଗୁଣବନ୍ତେ ପୁଣି ଗୁଣ ଦିଅଇ ।
ସେ ସର୍ବଗୁଣକୁ କିଏ ଗୁଣ ଦେବ
→ ଏପରି କାହିଁ କେ ଦିଶଇ ନାହିଁ ॥୭॥

ପ୍ରଭୁ ନାମ ଶୁଣି ନର ହୁଏ ସିଦ୍ଧ
→ ହୁଏ ପୀର ସୁର ସୁଖଅଇ ନାଥ ।
ନାମ ଆଶା ନେଇ ଧରଣୀ ଆକାଶ
→ ଏହି ସତ୍ୟ ଜ୍ଞାନ ହୁଏ ପ୍ରାପତ ॥

ସିଦ୍ଧି: ଅଲୌକିକ ଶକ୍ତି ସମ୍ପନ୍ନ ସିଦ୍ଧି ପ୍ରାପ୍ତ ବ୍ୟକ୍ତି
ପୀର: ମୁସଲମାନ ସାଧୁ ଆଧ୍ୟାତ୍ମିକ ଜୀବନର ଗୁରୁ
ନାଥ: ଯୋଗୀ,

ଏହି ଏକ ପ୍ରଭୁ ନାମ ଶ୍ରବଣର
→ ମହିମାରେ ଦ୍ୱୀପ, ଲୋକ, ପାତାଳ ।
ସେହି ପରବ୍ରହ୍ମ ସତ୍ୟ ପ୍ରଭୁନାମ
→ ଶୁଣିଲେ କେବେ ନ ଦଣ୍ଡଇ କାଳ ॥
ଶୁଣି ପ୍ରଭୁନାମ ହେ ନାନକ ସଦା
→ ଭକ୍ତ ହୃଦ ଥାଇ ଆନନ୍ଦେ ପୂର୍ଣ୍ଣ ।
ଦୁଃଖ ପାପ ଯେତେ ହୁଅଇ ବିନାଶ
→ ପ୍ରଭୁ ସତ୍ୟନାମ କଲେ ଶ୍ରବଣ ॥ ୮ ॥

ନାମ ଶ୍ରବଣର ମହିମାରେ ନର
→ ଶିବ ବ୍ରହ୍ମା ଇନ୍ଦ୍ର ପଦ ଲଭଇ ।
ଶୁଣି ପ୍ରଭୁନାମ ମୁଖେ ଗାଇ ନାମ
→ ନୀଚ ଜନ ମହାଜନ ହୁଅଇ ॥
ନାନା ଯୋଗ ଯୁକ୍ତି ଶରୀର ରହସ୍ୟ
→ ଜାଣିହୁଏ କଲେ ନାମ ଶ୍ରବଣ ।
ନାମ ଶ୍ରବଣରେ ଲଭଇ ମଣିଷ
→ ସ୍ମୃତି ଶାସ୍ତ୍ର ଆଉ ବେଦର ଜ୍ଞାନ ॥
ଶୁଣି ପ୍ରଭୁନାମ ହେ ନାନକ ସଦା
→ ଭକ୍ତ ହୃଦ ଥାଇ ଆନନ୍ଦେ ପୂର୍ଣ୍ଣ ।
ଦୁଃଖ ପାପ ଯେତେ ହୁଅଇ ବିନାଶ
→ ପ୍ରଭୁ ସତ୍ୟନାମ କଲେ ଶ୍ରବଣ ॥ ୯ ॥

ଶୁଣି ଶୁଣି ନର ପ୍ରଭୁ ସତ୍ୟ ନାମ
→ ଲଭିଥାଇ ସତ୍ୟ, ସନ୍ତୋଷ ଜ୍ଞାନ ।
ପ୍ରଭୁ ସତ୍ୟନାମ ଶୁଣି ଲଭେ ନର
→ ଅଠଷଠି ତୀର୍ଥ ସ୍ନାନର ପୁଣ୍ୟ ॥
ଶୁଣିଲେ ଗାଇଲେ ପ୍ରଭୁ ସତ୍ୟନାମ
→ ମଣିଷ ଲଭଇ ମାନ ସମ୍ମାନ ।
ଶୁଣିଲେ ଗାଇଲେ ପ୍ରଭୁ ସତ୍ୟନାମ
→ ପ୍ରକୃତି ସହଜେ ଲାଗଇ ଧ୍ୟାନ ॥

- ଦ୍ୱୀପ: ସପ୍ତଦ୍ୱୀପ - ଜମ୍ବୁ, ପ୍ଲକ୍ଷ, ଶାଲ୍ମଳୀ, କୁଶ, କ୍ରୌଞ୍ଚ, ଶାକ ଓ ପୁଷ୍କର
- ଲୋକ: ସପ୍ତଲୋକ - ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ସତ୍ୟମ୍ ।
- ପାତାଳ: ସପ୍ତପାତାଳ - ଅତଳ, ବିତଳ, ସୁତଳ, ତଳାତଳ, ରସାତଳ, ମହାତଳ, ପା

ଶୁଣି ପ୍ରଭୁ ନାମ ହେ ନାନକ ସଦା
→ ଭକ୍ତ ହୃଦ ଥାଉ ଆନନ୍ଦେ ପୂର୍ଣ୍ଣ ।
ଦୁଃଖ ପାପ ଯେତେ ହୁଅଇ ବିନାଶ
→ ପ୍ରଭୁ ସତ୍ୟନାମ କଲେ ଶ୍ରବଣ ॥୧୦॥

ଅନନ୍ତ ଗୁଣର ଅଧିକାରୀ ହୁଏ
→ ପ୍ରଭୁ ନାମ ନର କଲେ ଶ୍ରବଣ ।
ଧନୀ ପୀର ବାଦଶାହାର ସମ୍ମାନ
→ ମିଳଇ ଶୁଣିଲେ ସେ ପ୍ରଭୁ ନାମ ॥
ପ୍ରଭୁ ନାମ ଶୁଣି ଜ୍ଞାନହୀନ ଅନ୍ଧ
→ ଖୋଜି ପାଏ ପ୍ରଭୁ ମିଳନ ପଥ ।
ଅଗାଧ ସାଗର ପାରହୁଏ ନର
→ ନାମ ଶ୍ରବଣରେ ଦେଲେ ଚିତ୍ତ ॥
ଶୁଣି ପ୍ରଭୁ ନାମ ହେ ନାନକ ସଦା
→ ଭକ୍ତ ହୃଦ ଥାଉ ଆନନ୍ଦେ ପୂର୍ଣ୍ଣ ।
ଦୁଃଖ ପାପ ଯେତେ ହୁଅଇ ବିନାଶ
→ ପ୍ରଭୁ ସତ୍ୟନାମ କଲେ ଶ୍ରବଣ ॥୧୧॥

ପ୍ରଭୁ ନାମେ ଭକ୍ତି ଥାଏ ଯାହା ମନ
→ ତା ଗତି ବର୍ଣ୍ଣନା କରି ନୁହଇ ।
ବର୍ଣ୍ଣନା ଯେ କରେ ପଛେ ଅନୁତାପେ
→ ଭୁଲ ହେଲା ବୋଲି ଦୁଃଖ କରଇ ॥
ନାହିଁ ତ କାଗଜ ନାହିଁ ତ କଲମ
→ ନାହିଁ କେଉଁଠି ବି ଲେଖକ ନାହିଁ ।
ଲେଖି କାହିଁ ନାମ ଚିନ୍ତନ ମହିମା
→ କେ କହି ପାରିବ ବିଚାର କାହିଁ ॥
ଏହିପରି ସେହି ମହିମା ଗଣିତ
→ ପ୍ରଭୁ ନିରଞ୍ଜନ ନାମ ଅଟଇ ।
ପ୍ରଭୁ ନାମେ ଭକ୍ତି ଥାଏ ଯେଉଁ ଜନ
→ ସେହି ଏକା ଏହା ମନେ ବୁଝଇ ॥୧୨॥

ନାମେ ରତ ହେଲେ ଜାଗେ ପ୍ରଭୁ ପ୍ରୀତି
→ ଶୁଦ୍ଧ ହୁଏ ବୁଦ୍ଧି ମନ ହୃଦୟ ।
ନାମେ ରତ ହେଲେ ହୁଅଇ ମନରେ
→ ସକଳ ଭୁବନ ଜ୍ଞାନ ଉଦୟ ॥
ପ୍ରଭୁ ସତ୍ୟନାମେ ରତ ହେଲେ ନର
କାଳର ଆଘାତ ନ ଲାଗେ ମୁହେଁ ।
ପ୍ରଭୁ ସତ୍ୟନାମେ ରତ ହେଲେ ନର
ଯମଦୂତ ସଙ୍ଗେ କେବେ ନ ଯାଏ ॥
ଏହିପରି ସେହି ମହିମା ମଣ୍ଡିତ
ପ୍ରଭୁ ନିରଞ୍ଜନ ନାମ ଅଟଇ ।
ପ୍ରଭୁ ନାମେ ରତ ଥାଏ ଯେଉଁ ଜନ
ସେହି ଏକା ଏହା ମନେ ବୁଝଇ ॥ ୧୭ ॥

ନାମେ ରତ ହେଲେ ଜୀବନ ପଥରେ
ବିଷୟ ବିକାର ନପାରେ ଛୁଇଁ ।
ନାମେ ରତ ହେଲେ ନର ଯାଏ ଏଥୁଁ
ସମ୍ମାନ ଗୌରବ ସଙ୍ଗତେ ନେଇ ॥
ନାମେ ରତ ଜନ ଗଲେ ନାହିଁ କେବେ
କପଟଧାର୍ମିକର
ମିଥ୍ୟା ବେଶଧାରୀଙ୍କ ପଥରେ
ନାମେ ରତ ଜନ ସତ୍ୟ ଅନୁସରେ
ମନ ତାର ଦୃଢ଼ ଥାଏ ଧର୍ମରେ ॥
ଏହିପରି ସେହି ମହିମା ମଣ୍ଡିତ
ପ୍ରଭୁ ନିରଞ୍ଜନ ନାମ ଅଟଇ ।
ପ୍ରଭୁ ନାମେ ରତ ଥାଏ ଯେଉଁ ଜନ
ସେହି ଏକା ଏହା ମନେ ବୁଝଇ ॥ ୧୮ ॥

ପ୍ରଭୁ ନାମେ ରତ ଥାଏ ଯାହା ମନ
ଲଭିଥାଏ ସେହୁ ମୁକତିର ଦ୍ୱାର ।
ପ୍ରଭୁ ନାମେ ରତ ଥାଏ ଯାହା ମନ
ମୁକ୍ତ କରିପାରେ ତା ପରିବାର ॥

* ମିଥ୍ୟା ବେଶଧାରୀ :- ଉପର ଠାଉରିଆ ଭାବେ ଧାର୍ମିକ ବୋଲି ଦେଖାଇ-ହେବାକୁ ଧାର୍ମିକ ବେଶ ପୋଷାକ ପିନ୍ଧି ଚିତା ତିଳକ କରି ବୁଲୁଥିବା ଲୋକ

ନାମେ ରତ ହୋଇ ଗୁରୁ ଆପେ ତହେଁ
ଆପଣା ଶିଷ୍ୟଙ୍କୁ ପାରକୁ ଧରି ।
ପ୍ରଭୁ ନାମେ ରତ ଥାଇ ଯାହା ମନ
ଲଭିପାରେ ସବୁ ଭିକ୍ଷା ନ କରି ॥
ଏହି ପରି ସେହି ମହିମା ମଣ୍ଡିତ
ପ୍ରଭୁ ନିରଞ୍ଜନ ନାମ ଅଟଇ
ପ୍ରଭୁ ନାମେ ରତ ଥାଇ ଯେଉଁ ଜନ
ସେହି ଧନ୍ୟ ଧନ୍ୟ ମନେ ବୁଝଇ ॥ ୧୪ ॥

ପ୍ରଭୁ ପ୍ରିୟ ପାର୍ଥି ସୃଷ୍ଟିର ସ୍ୱୀକୃତ
ପ୍ରଭୁ ପ୍ରିୟ ପାର୍ଥି ହୁଅଇ ପ୍ରଧାନ ।
ପ୍ରଭୁ ପ୍ରିୟ ପାର୍ଥି ପ୍ରଭୁ ଦରବାରେ
ପ୍ରଭୁ ଚରଣରେ ଲଭେ ସମ୍ମାନ ॥
ପ୍ରଭୁ ପ୍ରିୟ ପାର୍ଥି ରାଜଦରବାରେ
ଶୋଭାପୁଞ୍ଜ ହୁଏ କହାଇ ମାନ
ପ୍ରଭୁ ପ୍ରିୟ ପାର୍ଥି ସଦା ସଦା ଧନ
ପରମ ଗୁରୁଙ୍କୁ କରଇ ଧ୍ୟାନ ॥
ଯେତେ ପାରେ ଜୀବ ଧ୍ୟାନ କରୁ ଅବା
ଯେତେ ପାରେ ଜୀବ କରୁ ବିଚାର ।
ସୃଷ୍ଟି କର୍ତ୍ତା ଯାହା କରିଛି ରଚନା
ପାରିବ ନାହିଁ କେ ଅନ୍ତ ତାହାର ॥
ଧର୍ମ ହିଁ ଅଟଇ ସେ ଧବଳ ବୃଷ
ଯା ପିଠି ଉପରେ ସଂସାରି ସ୍ଥିର ।
କନ୍ଧା ଥାଇ ଶୀଳ ସନ୍ତୋଷ ଡୋରିରେ
ଅଟଇ ସେ ଧର୍ମ ଦୟାର ପୁତ୍ର ॥

* ଭିକ୍ଷା ନ କରି :- ପ୍ରଭୁଙ୍କୁ କିଛି ଭିକ୍ଷା ନ କଲେ ମଧ୍ୟ ଭକ୍ତ ସବୁ କିଛି ମିଳେ
* ପ୍ରଭୁ ପ୍ରିୟ ପାର୍ଥି :- ସଜ୍ଜନ, ଜୀବ ସତ, ସନ୍ତୋଷ, ଧୈର୍ଯ୍ୟ, ଧର୍ମ, ଦୟା ଆଦି ପାର୍ଥି ଗୁଣ ଧାରଣ କରିଥାଏ ॥ ଜୀବ ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ପାର୍ଥିବ ବିଷୟକୁ ନିରୋଧ କରିପାରନ୍ତି ॥ ଯାହାକୁ ଆକାଶ, ପୃଥିବୀ, ଜଳ, ବାୟୁ ଓ ଅଗ୍ନି ଏହି ପଞ୍ଚ ତତ୍ତ୍ୱର ପାର୍ଥି ଗୁଣ ଯଥା ନିବୃତ୍ତି, ନିର୍ମଳତା, ସମାନତା ଓ ଯଥା ଲୁଭ ସନ୍ତୋଷ ପ୍ରାପ୍ତ ହୋଇଥାଏ ॥ ଜୀବ କାମ, କ୍ରୋଧ, ଲୋଭ, ମୋହ, ଅହଂକାର ଆଦି ପାର୍ଥି ବାସନାରୁ ନିଜକୁ ମୁକ୍ତ କରିଛି ସେହି ପ୍ରାଣୀ ॥

ଏହି ରହସ୍ୟକୁ ଯେ ବୁଝି ପାରନ୍ତି
ହୁଅନ୍ତି ସବୁ ସେ ହୁଅନ୍ତି ଜ୍ଞାନୀ ।
ସୃଷ୍ଟି କି ବୋହିବ ସଂସାରର ଭାର
କେତେ ବୋହି କିଏ ପାରିଛି ଜାଣି ॥
ଏ ସଂସାର ଛାଡ଼ି ଆହୁରି ଆହୁରି
ଅଛନ୍ତି ଆହୁରି କେତେ ସଂସାର ।
କେ କହି ପାରିବ ଭାର ଦେଲେ ତାର
ରହିଅଛି ଆଉ ଶକ୍ତି କାହାର ॥
ସୃଷ୍ଟିରେ ରହିଛି କେତେ ଜୀବ ଜନ୍ତୁ
କେତେ ଜାତି ରଙ୍ଗ କେତେ ଯେ ନାମ
ସବୁରି ମସ୍ତକେ ଲେଖା ହୋଇ ଅଛି
ଈଶ୍ୱର ଆଜ୍ଞା ସହିତେ କର୍ମ ॥
କିଏ ଭଲ ଲେଖି ଜାଣିବ ଏ ଲେଖା
କାହାର ବା ଅଛି ଶକତି ଏତେ ।
ସେ ଲେଖା ଲେଖିଲେ କେ ଦେବ ହିସାବ
କିଏ ବା ଜାଣିବ ହୋଇବ କେତେ ॥
କେ କହିବ କେତେ ତୋହର ଶକତି
ରୂପ ପୁଣି ତୋର କେତେ ସୁନ୍ଦର ।
ଏତେର ଅନନ୍ତ ଦାନ ପଣ ତୋର
କେ କରି ପାରିବ କଳନା ତୋର ॥
ଇଚ୍ଛାରିଲୁ ଯେବେ ତୁହି ଏକ ଆଜ୍ଞା
ସୃଷ୍ଟି ହୋଇ ତାର ହେଲା ବିସ୍ତାର ।
ତୋର ସେ ଆଜ୍ଞାରୁ ବହିଲା ସୃଷ୍ଟିରେ
ଜୀବନ ଲୀଳାର ଅନେକ ଧାର ॥
ନାହିଁ ପ୍ରଭୁ ନାହିଁ ଶକତି ମୋହର
ପରଖିବା ପାଇଁ ମହିମା ତୋର ।
ସମର୍ପିତ ହେବି ତୋହଠାରେ ଥରେ
କାହିଁ ପ୍ରଭୁ ସେତ ଯୋଗ୍ୟତା ମୋର ॥
ସୃଷ୍ଟିକି ଉତ୍ତମ ଅଟେ ସେହି କାର୍ଯ୍ୟ
ଯେଉଁ କାର୍ଯ୍ୟ ତୋତେ ଲାଗଇ ଭଲ ।
ହେ ସୃଷ୍ଟି କରତା ପରମାତ୍ମା ପ୍ରଭୁ
ନିଶ୍ଚ ଜାର ତୁହି ସଦା ଅଟଳ ॥ ୧୬ ॥

ତୋ ଅସଂଖ୍ୟ ନାମେ ଅଗଣିତ ଜପ
ଅସୀମ ଭକତି ଭାବ ତୋ ପାଇଁ ।
ଅସଂଖ୍ୟ ବିଧିରେ ପୂଜା ହୁଏ ତୋର
ତପରେ <u>ତାପର ଗଣନା ନାହିଁ</u> ॥
ବହୁ ଗ୍ରନ୍ଥ ବେଦ ପାଠ କରି ମୁଖେ
ଅସଂଖ୍ୟ କରନ୍ତି ସ୍ତୁତି ତୋହର ।
ଅଗଣିତ ଯୋଗୀ ମାୟାଠାରୁ ଦୂରେ
ଯୋଗ ସାଧୁଛନ୍ତି କେତେ ପ୍ରକାର ॥
ଅସଂଖ୍ୟ ଭକ୍ତ ତୋ ଗୁଣ ଗାଉଛନ୍ତି
ନିଜ ନିଜ ଜ୍ଞାନେ ତୋ ଗୁଣ ଗୁଣି ।
ଗାଉଛନ୍ତି ଗୁଣ ବହୁ ସତ୍ୟବ୍ରତ
ଗାଉଛନ୍ତି ଗୁଣ ଅସଂଖ୍ୟ ଦାନୀ ॥
ବହୁ ଶୂର ବୀର ତୋ ପ୍ରତିଷ୍ଠା ଲାଗି
ସମ୍ମୁଖ ଯୁଦ୍ଧରେ ଦିଅନ୍ତି ପ୍ରାଣ ।
ବହୁ ମୌନବ୍ରତୀ ଏକଲୟ ହୋଇ
ମଉନେ ତୋହର କରନ୍ତି ଧ୍ୟାନ ॥
ନାହିଁ ପ୍ରଭୁ ନାହିଁ ଶକତି ମୋହର
ପରଖିବା ପାଇଁ ମହିମା ତୋର ।
ସମର୍ପିତ ହେବି ତୋହଠାରେ ଥରେ
କାହିଁ ପ୍ରଭୁ ସେତ ଯୋଗ୍ୟତା ମୋର ॥
ସୃଷ୍ଟିକି ଉତ୍ତମ ଅଟେ ସେହି କାର୍ଯ୍ୟ
ଯେଉଁ କାର୍ଯ୍ୟ ତୋତେ ଲାଗଇ ଭଲ ।
ହେ ସୃଷ୍ଟି କରତା ପରମାତ୍ମା ପ୍ରଭୁ
ନିରାକାର ତୁହି ସଦା ଅଟଳ ॥୧୭॥

କୁକର୍ମରେ ରତ ମୂର୍ଖ ମହାମୂର୍ଖ
ଅସଂଖ୍ୟ ଅଛନ୍ତି ସୃଷ୍ଟିରେ ତୋର ।
ଅଛନ୍ତି ସୃଷ୍ଟିରେ ପରଧନ ଚୋରା
କର୍ତ୍ତବ୍ୟ ବିମୁଖ ଅସଂଖ୍ୟ ଘୋର ॥

* ତପରେ ତାପର ଗଣନା ନାହିଁ :- ସାଧନା ନିମନ୍ତେ ସହିବାକୁ ହେଉଥିବା କଷ୍ଟ ଓ ଯନ୍ତ୍ରଣାର ସୀମା ନାହିଁ ॥

ଜୋର ଜୁଲମର ଶାସନ ଚଳାଇ
ଯାଆନ୍ତି ଅସଂଖ୍ୟ ବାହୁର ବଳେ ।
ରକତର ସୁଅ ବିହନ୍ତି କୁହାଇ
କେତେ ଗଳା କାଟି ତୋର ସଂସାରେ ॥
ଅଗଣିତ ପାପୀ ଅର୍ଜି ପାପ ରାଶି
ଯାଉଛନ୍ତି ଛାଡ଼ି ତୋର ସଂସାର ।
ବହୁ ମିଥ୍ୟାବାଦି ମିଥ୍ୟାଗୁରୀ ଧରି
କରି ବୁଲୁଛନ୍ତି ମିଥ୍ୟା ପ୍ରଚାର ॥
କୁକର୍ମେ ଅରଜି ବହୁ ପାପ ଧନ
ଅଗଣିତ ମ୍ଲେଚ୍ଛ ଖାଆନ୍ତି ମଳ ।
ଅସଂଖ୍ୟ ନିନ୍ଦୁକ ନିନ୍ଦି ବିନା ଦୋଷେ
ବୋହୁଛନ୍ତି ମୁଣ୍ଡେ ପାପର ଭାର ॥
ମୁଁ ନୀଚ ନାନକ ଦେଖି ଦେଖି ସବୁ
କହୁ ଅଛି ମାତ୍ର ଏହି ବିଚାର ।
ସମର୍ପିତ ହେବି ତୋହଠାରେ ଥରେ
ନାହିଁ ପ୍ରଭୁ ସେତ ଯୋଗ୍ୟତା ମୋର ॥
ସୃଷ୍ଟିକି ଉତ୍ତମ ଯେତେ ସେହି କାର୍ଯ୍ୟ
ଯେଉଁ କାର୍ଯ୍ୟ ତୋତେ ଲାଗଇ ଭଲ ।
ତୁ ସୃଷ୍ଟି କରତା ପରମାତ୍ମା ପ୍ରଭୁ
ନିରାକାର ତୁହି ସଦା ଅଟଳ ॥୧୮॥

ଅସଂଖ୍ୟ ତାହାର ନାମ ରହିଅଛି
ଅସଂଖ୍ୟ ତାହାର ଅଛି ଆସ୍ଥାନ ।
ଅସଂଖ୍ୟ ଲୋକ* ତା ସୃଷ୍ଟିରେ ରହିଛି
ଯହିଁ କରିହୁଏ ନାହିଁ ଗମନ ॥
ଯଥାର୍ଥ ନୁହଇ 'ଅସଂଖ୍ୟ' ଶବ୍ଦ
ତା ମହିମା ଲେଖା କହିବା ପାଇଁ ,
କିଏ ତା କହିବ 'ଅସଂଖ୍ୟ' ଶବ୍ଦେ
ଯେ କହେ ତା ମଥା ଭାରି ହୁଅଇ ॥

*ଲୋକ – ଇନ୍ଦ୍ରଲୋକ , ଦେବଲୋକ , ବୈକୁଣ୍ଠଲୋକ ଆଦି ଅସଂଖ୍ୟ ଅଗମ୍ୟ ଲୋକ .

ଅକ୍ଷରରେ ତାର ନାମ ଉଚ୍ଚାରଣ
ଅକ୍ଷରରେ ହୁଏ ତା ସ୍ତୁତି ଗାନ ।
ଅକ୍ଷରରେ ତାର ଗୁଣ ଗାର ହୁଏ
ଅକ୍ଷରରେ ମିଳେ ତାହାର ଜ୍ଞାନ ।।
ଅକ୍ଷରରେ ଏକା ବୋଲି ହୁଏ ବାଣୀ
ଅକ୍ଷରରେ ଏକା ଲେଖି ହୁଅଇ
ଅକ୍ଷରରେ ଏକା ସଂଯୋଗର ଲେଖା
ସବୁରି କପାଳେ ଲିଖିତ ଥାଇ ।।
ଯେ ଏହା ଲେଖୁଛି ସବୁରି କପାଳେ
ତାହାର କପାଳେ ଲେଖିକ କିଏ
ତାହା ତାହା ପ୍ରାଣୀ ଭୋଗଇ ସଂସାରେ
ଯାହା ଭାଗ୍ୟ ବୋଲି କହଇ ସିଏ ।।
ଯେତେ ଯେତେ ସୃଷ୍ଟି ରଚିଥିଲୁ ପ୍ରଭୁ
ସେତିକି ରହିଛି ତାହାର ନାମ ।
ତା ନାମ ନଥାଇ ନାହିଁ ନାହିଁ ନାହିଁ
ଏପରି କେଉଁଠି ନାହିଁତ ସ୍ଥାନ ।।
ନାହିଁ ପ୍ରଭୁ ନାହିଁ ଶକତି ମୋହର
ପରଖି ଦେଖିବି ମହିମା ତୋର ।
ସମର୍ପିତ ହେବି ତୋହରଠାରେ ଥରେ
କାହିଁ ପ୍ରଭୁ ସେହି ଯୋଗ୍ୟତା ମୋର ।।
ସୃଷ୍ଟିକି ଉତ୍ତମ ଅଟେ ସେହି କାର୍ଯ୍ୟ
ଯେଉଁ କାର୍ଯ୍ୟ ତୋତେ ଲାଗଇ ଭଲ ।
ହେ ସୃଷ୍ଟି କରତା ପରମାତ୍ମା ପ୍ରଭୁ
ନିରାକାର ତୁହି ସଦା ଅଟଳ ।। ୧୬ ।।

ହସ୍ତ, ପଦ ଅବା ସମ୍ପୂର୍ଣ୍ଣ ଶରୀର
ମଣ୍ଡଳରେ ପୂର୍ଣ୍ଣ ହୁଅଇ ଯେବେ ।
ଜୀବ ଦେହ ଥାଇ ଧର୍ମୀମାଜି ହେଲେ
ଧୂଳି ମଳି ଦୂର ହୁଅଇ ତେବେ ।।

ମଳ ମୂତ୍ର ଆଦି ସଂସ୍ପର୍ଶରେ ଆସି
ବସ୍ତ୍ର ଯେବେ ଅପବିତ୍ର ହୁଅଇ ।
ପବିତ୍ର ହୁଅଇ ସେହି ବସ୍ତ୍ର ପୁଣି
ସାବୁନ ପାଣିରେ ଦେଲେ ତ ଧୋଇ ॥
ପାପ ଚିନ୍ତା ପାପ କର୍ମର କାରଣେ
ବୁଦ୍ଧି ଯେତେବେଳେ ହୁଏ ମଳିନ ।
ସେହି ପାପ ମଳ ହୋଇ ଯାଏ ଦୂର
ବୁଦ୍ଧି ହୁଏ ଶୁଦ୍ଧ ଜପିଲେ ନାମ ॥
ପାପ ଆଉ ପୁଣ୍ୟ ନୁହନ୍ତି ଶବଦ
ନୁହଇ କେବଳ କହିବା ପାଇଁ
ଯେଉଁ ପରି କର୍ମ କରିବୁ ସଂସାରେ
ଲେଖା ନେଇ ଯିବୁ ସଙ୍ଗତେ ତୁହି ॥
ଯାହା ତୁ ବୁଣିବୁ ତାହା ତ କାଟିବୁ
ଯାହା ତୁ ବୁଣିବୁ ତାହା ଭୁଞ୍ଜିବୁ ।
ନାନକ ତୋହର କର୍ମଫଳ ପରି
ଅକାଳ ଆଜ୍ଞାରେ ଆସିବୁ ଯିବୁ ॥୨୦॥

ତୀର୍ଥ ସ୍ନାନ କରି ଦୟା ଗୁଣ ଧରି
ତପ କରି ଯଦି କରେ କେ ଦାନ ।
ପୁଣ୍ୟ ସରି ସ୍ୱର୍ଗ ଫେରିବାକୁ ହୁଏ
ସେ ପୁଣ୍ୟ ଅଟଇ ତିଳ ସମାନ ॥
ଶୁଣି ପ୍ରଭୁ ନାମ ବିଶ୍ୱାସ କରି ଯେ
ଏକାଗ୍ର ଚିତ୍ତରେ କରଇ ଧ୍ୟାନ ।
ଅନ୍ତରର ନାମ ତୀର୍ଥ ସରୋବରେ
ହୁଅଇ ନିର୍ମଳ କରି ସେ ସ୍ନାନ ॥
ଗୁଣ ଯେତେ ସବୁ ଅଟଇ ତୋହର
ଗୁଣୀ ବୋଲି ମୋର କିଛି ତ ନାହିଁ ।
ମୋ ହୃଦୟେ ତୋର ଗୁଣ ନ ଦେଲେ ତୁ
ଭକତି ତୋହର କରି ନୁହଇ ॥

ତୁହି ସ୍ୱୟଂ ମାୟା - ନାରୀ - ପୁରୁଷ ତୁହି
ତୋହଠାରୁ କେହି ନୁହଇ ଭିନ୍ନ ।
ତୁ ସଚ୍ଚିଦାନନ୍ଦ ଅନନ୍ତ ସୁନ୍ଦର
ସଦା ସଦା ତୋତେ ମୋର ପ୍ରଣାମ ॥

ଥିଲା କେଉଁ ବେଳା ଥିଲା କି ସମୟ
ଥିଲା କେଉଁ ତିଥି କେଉଁଣ ବାର
ଥିଲା କେଉଁ ଋତୁ ଆଉ କେଉଁ ମାସ
ଯେବେ ରୂପ ନେଲା ଏ ସଂସାର ॥

ଜାଣି ନ ପାରିଲେ ପଣ୍ଡିତ ସେ ବେଳା
ଜାଣିଥିଲେ ଲେଖିଥାନ୍ତେ ପୁରାଣ ।
କଥାତ ନ ପାଇ ରହିଗଲେ କାଜି
ଲେଖିଥାନ୍ତେ ଆଉ ଏକ କୋରାଣ ॥

ଯୋଗୀ ଜାଣେ ନାହିଁ ତିଥି ଆଉ ବାର
ଋତୁ ଅବା ମାସ ନ ଜାଣେ କେହି ।
ଯେଉଁ କର୍ତ୍ତା ସୃଷ୍ଟି କରିଛି ରଚନା
ସିଏ ତ ଏକା ଜାଣଇ ସେହି ॥

କି ତ ମହିମା ଜାଣିବ କହିବ
କରିବ ତାହାର ସ୍ତୁତି କିପରି ।
ସିହାଣିଆ ସିନା ସଭିଁଙ୍କ ନାନକ
କହିବାକୁ ଏକୁ ଆରେକ ବଳି ॥
ସେ କଡ଼ ସାହେବ କଡ଼ତାର ନାଆଁ
କରେ ଯାହା ସିଏ ତାହା ହୁଅଇ
ଜାନା ବୋଲି ମଣିଛି କଲେ କେ ଗୁମାନ
ଆଗକୁ ଶୋଭା ସେ ପାଇବ ନାହିଁ ॥୨୯॥

ପାତାଳର ତଳେ ପାତାଳ ରହିଛି
ଲକ୍ଷ ଲକ୍ଷ ଲକ୍ଷ କୋଟେ କୋଟି
ଆକାଶ ଉପରେ ରହିଛି ଆକାଶ
କୋଟେ ଲକ୍ଷ କିଏ ପାରିବ ଗଣି ॥
"ଖୋଜି ଥକିଗଲୁ ଅନ୍ତ ନ ପାଇଲୁ"
କହୁଛନ୍ତି ବେଦ ଏକାଇ ସ୍ୱରେ ।
"ଅଠର ସହସ୍ର" <u>କିତାବ</u> କହନ୍ତି
ସେଇ ଏକ ପ୍ରଭୁ ସବୁରି ମୂଳେ ॥

* କିତାବ - କିତାବ, ଖ୍ରୀଷ୍ଟୀୟ ମତ ଓ ଇସଲାମ ଆଦିର ଧର୍ମ ମୂଳଧର୍ମଗ୍ରନ୍ଥ କୋରାଣ, ଅଞ୍ଜୀଲ, ତୌରେତ ଓ ଜବ୍ବୁର ଅନୁସାରେ ସୃଷ୍ଟିର ଅଠରସହସ୍ର ଅଂଶ ଅଛି ସବୁରି ଆଦ୍ୟରୁ ସେହି ଏକ ପ୍ରଭୁଙ୍କଠାରୁ ହିଁ ହୋଇଅଛି ।

ଗଣନାର ଶେଷ ହୋଇଯିବ ଯିନା
କଳନା ତାହାର କରି ନୁହଇ ।
ନାନକ କରନ୍ତି ଯଶୋଗାନ ତାର
ଯା ରହସ୍ୟ ଆପେ ସିଏ ଜାଣଇ ॥ ୨୨ ॥

ସ୍ତୁତି କରି ଭକ୍ତ ବୁଦ୍ଧେ ଲୀନ ହୁଅ
ପାଅ ନହିଁ କେବେ ଅନ୍ତ ତାହାର ।
ନଦୀ ନାଳ ଯଥା ସାଗରେ ମିଶନ୍ତି
ଜାଣି ନ ପାରନ୍ତି ତାର ବିସ୍ତାର ॥
ସମୁଦ୍ରର ସ୍ୱାମୀ ସମ୍ରାଟ ଯେ ଅଟେ
ଗିରି ତୁଲ ଧନ ଯାହାର ଥାଇ ,
ସେଇ କୀଟ ତୁଲ ହୋଇବ କାହୁଁ ଯେ
ପ୍ରଭୁଙ୍କୁ ମନରୁ ପାଶୋରେ ନାହିଁ ॥ ୨୩

ଅନନ୍ତ ଅଟଇ ଗୁଣ ତୋର ପ୍ରଭୁ
ସରି ନୁହଇ ତା ମୁଖରେ କହି ।
ଅନନ୍ତ ଅଟଇ ରଚନା ତୋହର
ତୋ ଦାନର ଅନ୍ତ ପାଇ ନୁହଇ ॥
ଅନନ୍ତ ତୋହର ସୃଷ୍ଟିର ଦର୍ଶନ
ଅନ୍ତ ନ ମିଳଇ କଲେ ଶ୍ରବଣ ,
କିସ ଇଚ୍ଛା ତୋର କି କରିବା ଲୁହୁଁ
ବୁଝି ନ ହୁଅଇ ତୋହର ମନ ॥
ଅନ୍ତ ନ ମିଳଇ ତୋହର ସୃଷ୍ଟିର
ଦେଇ ଅଛୁ ତୁହି କେଡ଼େ ଆକାର ।
କେତେ ବଡ଼ କରି ଗଢ଼ିଛୁ ସଂସାର
ନ ମିଳଇ କାହିଁ ତା ପାରାବାର ॥
କେତେ ହେଉଛନ୍ତି କଲବଲ ଆହା
ଅନ୍ତକୁ ତୋହର ପାଇବା ପାଇଁ
ଏକା କେତେ ଯତନ କରୁଛନ୍ତି ଆହା
ଅନ୍ତ କାହିଁ ତୋର ମିଳୁ ନାହିଁ ॥

ତୋହର ଅନ୍ତ କେ ନ ଜାଣଇ ପ୍ରଭୁ
ଥଳ କୂଳ ତୋର ମିଳଇ ନାହିଁ ।
ବହୁତ କହିଲେ ବହୁତ ହୁଅଇ
ସତେ ନାହିଁ କେବେ ତୋର ବଢ଼ାଇ ॥
ତୁ ବଡ଼ ସାହିବ ପରଂବ୍ରହ୍ମ ପ୍ରଭୁ
କେଡ଼େ ଉଚ୍ଚରେ ତୋର ଆସ୍ଥାନ
ତୋ ନାମ ମହିମା କି କହିବି ପ୍ରଭୁ
ମହାରୁ ମହାନ ତୋହର ନାମ ॥
ଏତେ ଉଚ୍ଚ ଯଦି ହୋଇ ଯେ ପାରିବ
ତୋହରି ଉଚ୍ଚତା ମାପିବ କିଏ
ତୋହଠାରୁ ଉଚ୍ଚ ହୋଇ ଯେ ପାରିବ
ତୋହରି ଉଚ୍ଚତା ଜାଣିବ ସିଏ ॥
କେତେ ବଡ଼ ତୁହି ଆପେ ତୋ ଜାଣିଛ
ତୋତେ ଏକା ଜଣା ତୋର ବଡ଼ାଇ ।
କହଇ ନାନକ ତୋ କୃପାଦୃଷ୍ଟିରୁ
ଦାନରେ କରୁଣା ଦୟା ମିଳଇ ॥୨୪॥

ବହୁତ ତୋହର କୃପାଦୃଷ୍ଟି ପ୍ରଭୁ
ତୋ କରୁଣା ଲେଖା କରି ନୁହଇ ।
ତିଳେ ତୋର ଲୋଭ ନାହିଁ ବଡ଼ଦାତା
ପ୍ରତିଦାନେ କିଛି ନ ଚାହୁଁ ତୁହି ॥
କେତେ କେତେ କେତେ ଯୋଦ୍ଧା ଶୂର ବୀର
ମାଗୁଛନ୍ତି ତୋତେ ହାତ ପସାରି ।
କେତେ ଯେ ଭିକାରି ତୋହର ଦୁଆରେ
ତା ଗଣନା କିଏ ପାରିବ କରି ॥
ବହୁତ ଦୁର୍ଭାଗା ବହୁତ କୁକର୍ମୀ
ଅଗଣିତ ପାପୀ ସୃଷ୍ଟିରେ ଛନ୍ତି ।
ତୋର ଆଶୀର୍ବାଦ ପାପ କର୍ମେ ଦେଇ
ବିଷୟ ବିକାରେ ମରନ୍ତି ନିତି ॥

ଅନେକ କଷ୍ଟ ପାଇ ତୋର ଦାନ
ମଣନ୍ତି ଆପଣା ଅର୍ଜିତ ଧନ ।
କେତେ କେତେ ମୂର୍ଖ ଆସନ୍ତି ମଉଜେ
କେବେ ନ କରନ୍ତି ତୋ ଗୁଣ ଗାନ ॥
ଶୁଣନ୍ତି କେତେ କେତେ ଏ ତୋର ଜଗତେ
ପାଇ ସଦା ଦୁଃଖ ସୁଖ ଆଘାତ ।
ଦୁଃଖ ସୁଖ ମଧ୍ୟ ଦାନ ତୋର ଦାତା
ଏଥି ଲାଗି ରହେ ତୋ ଠାରେ ଚିତ୍ତ ॥
ମାୟା ମୋହ ରୂପୀ ବନ୍ଧନରୁ ମୁକ୍ତି
ମିଳିଥାଇ ପ୍ରଭୁ ତୋର ଇଚ୍ଛାରେ
ତୋର ଇଚ୍ଛା ବିନୁ କାହିଁ ତ ନୁହଇ
ମୁକ୍ତି ମିଳେ ଆଉ କେଉଁ ପ୍ରକାରେ ॥
ମୂର୍ଖ ପଣେ କିଏ କହେ ଯଦି କେବେ
ଅଛି ବୋଲି ଆଉ ମୁକତି ପଥ
ଆପେ ସିଏ ଜାଣେ ମୂର୍ଖପଣ ପାଇଁ
ଖାଏ ସିଏ କେତେ ମୁଖେ ଆଘାତ ॥
କି ଲୋଡ଼ା କାହାକୁ ଜାଣି ତୁହି ପ୍ରଭୁ
ଦେଉ ସବୁ କିଛି ହୃଦୟ ଜାଣି
ଶୁଣନ୍ତି ଅଗଣିତ ଏ ଜଗତେ ତୋର
କହୁଥାନ୍ତି ଏହି କଥା ବଖାଣି ॥
ଦେଇଥାଉ ତୁହି ଶକତି ଯାହାକୁ
ଜପ କରିବାକୁ ତୋହର ନାମ
ନାନକ ସେ ରାଜ ରାଜେଶ୍ୱର ତୁଲ
ସଫଳ ହୁଅଇ ତାହାର ଜନ୍ମ ॥୨୧

ଅମୂଲ୍ୟ ଅଟଇ ଗୁଣ ତୋର ପ୍ରଭୁ
ଅମୂଲ୍ୟ ତୋହର ଗୁଣ ବେପାର
ଅମୂଲ୍ୟ ତୋହର ଗୁଣର ବେପାରୀ
ଅମୂଲ୍ୟ ତୋହର ଗୁଣ ଭଣ୍ଡାର ॥

* ଗୁଣ ବେପାର :- ଗୁଣର ଆଚରଣ ଆଗର ବ୍ୟବହାର ।

ଅମୂଲ୍ୟ ସୃଷ୍ଟି ଯେ ଯୋଗ୍ୟର ହୋଇଛି
 ଅମୂଲ୍ୟ ତାହା ଯା ହୁଏ ନିଥର ।
ଅମୂଲ୍ୟ ସୃଷ୍ଟି ଯେ ପ୍ରଭୁ ପ୍ରେମ ଭରେ
 ଯୋଡ଼ ଯେ ପ୍ରଭୁଙ୍କ ଲୀନ ସୁଖର ॥
ଅମୂଲ୍ୟ ତୋହର ନିୟମ ବିଧାନ
 ଅମୂଲ୍ୟ ଅଟଇ ତୋ ଦରବାର
ଅମୂଲ୍ୟ ତୁଳାରେ ତୁଳିଆଉ ଗୁଣ
 ଅମୂଲ୍ୟ ଯାହାକୁ କରୁ ସ୍ୱୀକାର ॥
ଅମୂଲ୍ୟ ସେ ସବୁ ଯାହା ଦେଉ ଦାନ
 ଅମୂଲ୍ୟ ତୋ ଦୟା ଦୃଷ୍ଟି ନିଶାଣ
ଅମୂଲ୍ୟ ସେ ସବୁ ଯାହା କରୁ କୃପା
 ଅମୂଲ୍ୟ ତୋ ଆଜ୍ଞା ତୁହି ମହାନ ॥
ତୁ କେତେ ଅମୂଲ୍ୟ କହିତ ନୁହଇ
 କେ କରି ପାରିବ ତାହା ବଖାଣ
କହି କହି କେତେ ସୁଖନ୍ତି ହାଲିଆ
 କହି ନ ପାରନ୍ତି କରନ୍ତି ଧ୍ୟାନ ॥
ବର୍ଣ୍ଣନା କରନ୍ତି ତୋହର କି କଥା
 ବହୁ ମୁଖେ ବେଦ ମନ୍ତ୍ର ପୁରାଣ ।
ଅନେକ ବିଦ୍ୱାନ ଦେଖାଅନ୍ତି ପଥ
 କରି କରି ତୋର ଗୁଣ ବଖାଣ ॥
କୋଟି କୋଟି ବ୍ରହ୍ମା ତୋ ସ୍ତୁତି କରନ୍ତି
 କୋଟି କୋଟି ଇନ୍ଦ୍ର ଗାଅନ୍ତି ଗୁଣ
କେତେ କେତେ ଗୋପୀ କେତେ କେତେ କୃଷ୍ଣ
 କରନ୍ତି ତୋହର ଗୁଣ ଗାୟନ ॥
କେତେ କେତେ ଶିବ ତୋ ସ୍ତୁତି କରନ୍ତି
 କେତେ କେତେ ସିଦ୍ଧ ଗାଅନ୍ତି ଗୁଣ ।
ତୁହି ଗଢ଼ିଥିବା କେତେ କେତେ ବୁଦ୍ଧ
 କରନ୍ତି ତୋହର ଗୁଣ ଗାୟନ ॥
କେତେ ଯେ ଦାନବ ତୋ ସ୍ତୁତି କରନ୍ତି
 କରନ୍ତି ଦେବତା ଗୁଣ ବର୍ଣ୍ଣନ ।
କେତେ ସୁର ନର କେତେ ମୁନି ଜନ
 କେତେ ଯେ ସେବକ ଗାଅନ୍ତି ଗୁଣ

କେତେ କେତେ ତୋର ଗୁଣ ବର୍ଣ୍ଣୁଛନ୍ତି
ବର୍ଣ୍ଣିବାକୁ କେତେ ଯତ୍ନ କରନ୍ତି ।
କେତେ କେତେ ତୋର ଗୁଣ ବର୍ଣ୍ଣି ବର୍ଣ୍ଣି
ଏ ସଂସାରୁ ଉଠି ଚାଲି ଯାଆନ୍ତି ॥
କେତିକି ଯତନ କରି ସାରିଛନ୍ତି
ଆହୁରି କେତିକି କରିବେ ଯତନ
କେବେ ବି କେହିବି କରି ନପାରିବ
ପୂର୍ଣ୍ଣ ରୂପେ ତୋର ଗୁଣ ବର୍ଣ୍ଣନ ॥
ଯେତେ ବଡ଼ ବୁଦ୍ଧି ସେତେ ବଡ଼ ଶ୍ରେଷ୍ଠ
ମହିମା ତୋହର ସେତେ ବଡ଼ରେ ।
ବାହାର ମାନଙ୍କ ସର୍ବୋଚ୍ଚ ଗୁରୁ
ତୋତେ ଏକା କଣ ତୋର ବଡ଼ାଇ ॥
ପୂର୍ଣ୍ଣରୂପ ତୋତେ ଜାଣେ ବୋଲି ଯଦି
କେହିଁ ବାହାଦୁରୀ ଜାହିର କରେ ।
ଗଣନା କରିବା ଶ୍ରୋତାଙ୍କ ଉଚିତ
ମୂର୍ଖ ବୋଲି ତାଙ୍କୁ ମୂର୍ଖ ମଧ୍ୟରେ ॥୨୬॥

ଯହିଁ ବସି ତୁମେ ସୃଷ୍ଟିକି ସମ୍ଭାଳୁ
କେଉଁ ପରି ଶୋଭା ସେ ଘର ଦ୍ୱାର ।
କେତେ ବାଦ୍ୟକାର ବଜାଉଛନ୍ତି ବାଦ୍ୟ
ଶୁଭୁଥାଏ ଯହିଁ ଅସଂଖ୍ୟ ସ୍ୱର ॥
କେତେ ଗାନକାରୀ ଗାଉଛନ୍ତି ନାମ
ରାଗ ରାଗିଣୀ ସୁମଧୁର ସ୍ୱରେ ।
କାହୁଁ ଋଷିଜନ ଗାଉଛନ୍ତି ଯଶ
ଗାଏ ଧର୍ମରାଜ ତୋର ଦୁଆରେ ॥
ଗାଉଛି ଚିତ୍ରଗୁପ୍ତ ଲେଖା ଲେଖି
ଲେଖା କରୁଛି ଧର୍ମ ବିଚାର ।
ଛଡ଼ି ଶଢ଼ିଥିବା ଶିବ ବ୍ରହ୍ମା ଦେବା
ଗାଉଛନ୍ତି ସଦା ସ୍ତୁତି ତୋହର ॥

* ଲେଖା : ପ୍ରାଣୀର ପାପ ପୁଣ୍ୟର ହିସାବ .

ଇନ୍ଦ୍ରାସନେ ବସି ଇନ୍ଦ୍ର ଗାଉଥିଛି
ଦେବଗଣ ସଙ୍ଗେ ଯଶ ତୋହରି ।
ଗାଉଛନ୍ତି ସିଦ୍ଧ ସମାଧି ଭିତରେ
ଗାଉଛନ୍ତି ସାଧୁ ବିଚାର କରି ॥
ଗାଉଛନ୍ତି ଯକ୍ଷ ପତି ଆଉ ଦାନା
ସନ୍ତୋଷ ଆଦର ମହାନ ଦାର ।
ଗାଉଛନ୍ତି ସ୍ତୁତି ଯୁଗ ଯୁଗ ଧରି
ବେଦ ସଙ୍ଗେ ଯୋଡେ ଋଷି ପ୍ରବର ॥
ଗାଉଛନ୍ତି ସ୍ତୁତି ସ୍ୱର୍ଗ ମର୍ତ୍ତ୍ୟ ଆଉ
ପାତାଳ ପୁରୀର ସୁନ୍ଦର ନାରୀ
ଅଠଷଠି ତୀର୍ଥ ଚଉଦ ରତନ
ଗାଉଛନ୍ତି ସଦା ଯଶ ତୋହରି ॥
ଗାଉଛନ୍ତି ଯୋଦ୍ଧା ମହାବଳୀ ବୀର
ଚତୁର୍ବିଧ ସୃଷ୍ଟି କରନ୍ତି ସ୍ତୁତି
ଗାଉଛନ୍ତି ଖଣ୍ଡ ମଣ୍ଡଳ ବ୍ରହ୍ମାଣ୍ଡ
ଧରିଅଛୁ ଯାହା ତୁ କରି ସୃଷ୍ଟି ॥
ତୋ ନାମ ରସିକ ଭକ୍ତ ଗାଉଛନ୍ତି
ଭଲ ପାଉ ପ୍ରଭୁ ଯାହାଙ୍କୁ ତୁହି ,
ମନେ ନାହିଁ ଆଉ କେତେ ଗାଉଛନ୍ତି
ନାନକ ବିଚାର କରି ନ ପାର ॥
ସଦା ସତ୍ୟ ସିଏ ସେ ସତ୍ୟ ସାହିବ
ଅଟେ ଚିର ସତ୍ୟ ତାର ମହିମା
ଥିଲା ଆଉ ଅଛି ସେ ଯାଏ ନା ଯିବ
ଯେ କରିଛି ଏଇ ସୃଷ୍ଟି ରଚନା ॥
ନାନା ରଙ୍ଗେ ନାନା ବସ୍ତୁ ସୃଷ୍ଟି କରି
ମାୟାର ରଚନା କରିଛି ସିଏ
ଯେଉଁ ପରି ଇଚ୍ଛା ହେଉଥିଲା ତାର
ସୃଷ୍ଟି ରଚି ଆପେ ଦେଖୁଛି ସିଏ ॥
ତାହା କରେ ଯାହା ଭଲ ଲାଗେ ତାକୁ
ତା ପାଖେ ନ ଚଳେ ଆଜ୍ଞା କାହାର
ସମ୍ରାଟଙ୍କର ସେ ସମ୍ରାଟ ନାନକ
ରହିବା ଉଚିତ ଆଜ୍ଞାରେ ତାର ॥୨୭

* ଚତୁର୍ବିଧ ସୃଷ୍ଟି : ଅଣ୍ଡଜ , ଜରାୟୁଜ , ସ୍ୱେଦଜ , ଉଦ୍ଭିଜ୍ଜ .

ଯଦି ତୁ କରିବୁ ସନ୍ତୋଷକୁ ମୁଦ୍ରା
ଶ୍ରମକୁ କରିବୁ ତୋ ପାତ୍ର, ଝୁଲି ।
ଶୁଣ ଆରେ ଯୋଗୀ ପାରିବୁ ଯଦି ତୁ
ଶରୀରେ ଆନର ବିଭୂତି ବୋଲି ॥
ମୃତ୍ୟୁ ଭୟକୁ ତୋ ଅଙ୍ଗବସ୍ତ୍ର କରି
ଶରୀର କରିବୁ ବିକାର ଶୂନ୍ୟ
ଏହାହିଁ ହୋଇବ ଯୋଗ ଆଚରଣ
ବିଶ୍ୱାସର ଦଣ୍ଡ କର ଧାରଣ ॥
ଆଈପନ୍ଥୀ* ବୋଲି ଜାଣିବୁ ନିଜକୁ
ସଭିଙ୍କି ମଣିବୁ ଯଦି ସମାନ ।
ସକଳ ଜଗତ ଜିଣି ତୁ ପାରିବୁ
ଜିଣି ପାରିଲେ ତୁ ଆପଣା ମନ ॥
କର ତାଙ୍କୁ ସଦା ତୁ ନମସ୍କାର,
ଯେ ଆଦି ଅନୀଳ ଅନାଦି ଅନାହତ
ଯୁଗେ ଯୁଗେ ଏକ ବେଶ ଯାହାର ॥୨୮

ଦୟା ପରଷିବ ଯେଉଁ ପ୍ରଭୁ ଜ୍ଞାନ
ସେ ଜ୍ଞାନ ହୋଇବ ତୋର ଭୋଜନ
ଶୁଣ ଯୋଗୀ ଘଟେ ଘଟେ ବାଜେ ନାଦ
ଜୀବନ ତୋହର ହୋଇବ ଧନ୍ୟ ॥
ଏକ ପରଂବ୍ରହ୍ମ ହେଉ ତୋର ନାଥ
ଯାହାର କାର୍ଯ୍ୟ ଏ ସାରା ସଂସାର
ଋଦ୍ଧି ସିଦ୍ଧି ଯେତେ ସବୁ ବ୍ୟର୍ଥ ଯୋଗୀ
ନିଏ ଅନ୍ୟ ଦିଗେ ପ୍ରଭୁଙ୍କଠୁଁ ଦୂର ॥
ସଂଯୋଗ ବିଯୋଗ ଏ ଦୁହେଁ ଚଳନ୍ତି
ସବୁ କାମଧନ୍ଦା ଏ ଜଗତର ।
କର୍ମ ଅନୁସାରେ ଯାହା ଲେଖା ଅଛି
ମିଳିଥାଇ ଭାଗ୍ୟ ସେହି ପ୍ରକାର ॥
କର ତାଙ୍କୁ ସଦା ତୁ ନମସ୍କାର
ଯେ ଆଦି ଅନୀଳ ଅନାଦି ଅନାହତ
ଯୁଗେ ଯୁଗେ ଏକ ବେଶ ଯାହାର ॥୨୯॥

* ଆଈପନ୍ଥୀ :- ଯୋଗୀମାନଙ୍କର ୧୨ ପନ୍ଥ ସମ୍ପ୍ରଦାୟମଧ୍ୟରୁ ଶ୍ରେଷ୍ଠ ପନ୍ଥ ।
* ନାଦ :- ଯୋଗୀମାନେ ଆହୁରି ବେତଲ ବଜାନ୍ତି । ବାଦ୍ୟଟି ସିଙ୍ଗାରୁ ତିଆରି

କହୁଥାନ୍ତି ସିନା ଏକ ବ୍ରହ୍ମ ସଙ୍ଗେ
ମାୟା ଯେବେ ଗର୍ଭ ଯୁକ୍ତ ହୋଇଲା ,
ତିନି ଦେବତାଙ୍କ ଜନମ ଦେଲା ସେ
ତାଙ୍କରି ହାତରେ ସୃଷ୍ଟି ଟେକିଲା ॥
ଜଣେ ଜେ ସଂସାରୀ ରଚଇ ସଂସାର
ପାଳେ ଜେ ଭଣ୍ଡାରୀ ଦେଇ ଆହାର ।
ଆଉ ଜଣେ ନିତି ବସି ଦରବାରେ
ସବୁରି କର୍ମକୁ କରେ ବିଚାର ॥
କିନ୍ତୁ ଯଦି ସତ ଜାଣିବାକୁ ଚାହଁ
ପ୍ରଭୁ ଆଜ୍ଞାରେ ଏ ସୃଷ୍ଟି ଚଳଇ ।
ଯେପରି ଚାହେଁ ସେ ଲୋଡ଼େ ସେପରି
ସେହିପରି ତାର ଆଜ୍ଞା ଦିଅଇ ॥
ଦେଖାଶୁଣା କରେ ସର୍ବଦା ସବୁରି
ଧ୍ୟାନ ଦେଇ ଥାଇ ସବୁରି ସିଏ
କି ଆଶ୍ଚର୍ଯ୍ୟ କଥା ସବୁକୁ ଦେଖେ ସେ
ତାହାକୁ ଦେଖି ନ ପାରଇ କିଏ ॥
କର ତାଙ୍କୁ ସଦା ତୁ ନମସ୍କାର
ଆଦି ଅନୀଳ ଅନାଦି ଅନାହତ
ଯୁଗେ ଯୁଗେ ଏକ ବେଶ ଯାହାର ॥୩୦

ସବୁ ଲୋକେ ତାର ରହିଛି ଆସନ
ସବୁ ଲୋକେ ତାର ଅଛି ଭଣ୍ଡାର ।
ସବୁ ଭଣ୍ଡାରରେ ଯାହା ଅଛି ତାହା
ଭରି ସେ ଦେଇଛି ଥରେ ମାତରେ ॥
ସୃଷ୍ଟି କରତା ସେ ଅଟଇ ସବୁରି
ସୃଷ୍ଟି କରେ ଆଉ ସମ୍ଭାଳି ଥାଏ ;
ନାନକ ତାହାର ସବୁ କର୍ମ ସତ୍ୟ
ସତ୍ୟ ସରକାର ଅଟଇ ସିଏ ॥
କର ତାଙ୍କୁ ସଦା ତୁ ନମସ୍କାର
ଆଦି ଅନୀଳ ଅନାଦି ଅନାହତ
ଯୁଗେ ଯୁଗେ ଏକ ବେଶ ଯାହାର ॥୩୧

ଗୋଟିଏ ଜିହ୍ୱାରୁ ଲକ୍ଷେ ଜିହ୍ୱା ହେବ
ଲକ୍ଷେ ଜିହ୍ୱା ଲକ୍ଷ କୋଡ଼ି ହୋଇବ ।
ସବୁ ସେ ଜିହ୍ୱାରେ ଲକ୍ଷେ ଲକ୍ଷେ ଥର
ପ୍ରଭୁ ଜଗଦୀଶ ନାମ ଘୋଷିବ ॥
ବୃଥା ଏ ପ୍ରୟାସ ଏହିପରି କଲେ
ପ୍ରଭୁ ସଙ୍ଗେ କାହା ଭେଟ ନୋହିବ ।
ମିଳନର ପଥେ ଯେତେକ ପାହାଚ
ଅହଂ ତେଜି ଚଢ଼ି ଯିବାକୁ ହେବ ॥
ଆକାଶର କଥା ଶୁଣି ହିନା କୀଟ
ପ୍ରଭୁ ମିଳନକୁ କରନ୍ତି ଆଶା ।
ପ୍ରଭୁ ମିଳେ ପ୍ରଭୁକୃପାରେ ନାନକ
ଆଉ ସବୁ ଯେତେ ମିଥ୍ୟା ଦୁରାଶା ॥୩୨॥

କହିବାକୁ ବଳ କାହାର ନଥାଇ
ନୀରବ ହେବାକୁ ନଥାଇ ବଳ ।
ମାଗିବାକୁ ବଳ କାହାର ନଥାଇ
ଦେବାପାଇଁ କିଛି ନଥାଇ ବଳ ॥
ବଞ୍ଚିବାକୁ ବଳ କାହାର ନଥାଇ
ମରିବାକୁ ବଳ ନଥାଇ କା'ର
ରାଜ୍ୟ, ଧନ ଲାଗି ନଥାଇ କା'ବଳ
ଯାହା ଲାଗି ମନ କରେ ହୁଁକାର ॥
କା ବଳ ନଥାଇ ଧ୍ୟାନର ଉପରେ
ଜ୍ଞାନ ବିଚାରକୁ ବଳ ନଥାଇ ,
କା ବଳ ନଥାଇ ସେଇ ଯୁକ୍ତି ପରେ
ଯା ବଳେ ସଂସାରୁ ମୁକ୍ତି ମିଳଇ ॥
ଯାହା ହାତେ ସବୁ ବଳ ରହିଅଛି
ସୃଷ୍ଟି କରି ସବୁ ସମ୍ଭାଳେ ସିଏ
ନାନକ ସିଏ ହିଁ କରେ ସବୁ କିଛି
ନାହିଁ ଉଚ୍ଚନୀଚ ଜଗତେ କିଏ ॥୩୩

ଆପଣା ଆଜ୍ଞାରେ ସୂର୍ଯ୍ୟ ସୃଷ୍ଟି କରି
ଦିନ ରାତି ଆଉ ଋତୁ ସୃଜିଲ ।
ଚନ୍ଦ୍ର ସଙ୍ଗେ ନାନା ତିଥି କରି ପ୍ରଭୁ
ତିଥି ସଙ୍ଗରେ ବାର ରଚିଲ ॥
ଆପଣା ଆଜ୍ଞାରେ ସୃଷ୍ଟି କଲ ପ୍ରଭୁ
ବାୟୁ ଜଳ ଅଗ୍ନି ଆଉ ପାତାଳ ।
ଏ ସବୁ ମଧ୍ୟରେ ଥାପିଲ ଧରିତ୍ରୀ
କରି ତାକୁ ଧର୍ମ ଅର୍ଜନ ସ୍ଥଳ ॥
ସେଥିରେ ଅଛନ୍ତି ନାନାବିଧ ଜୀବ
ତାହାର ଗଣନା କରିବ କିଏ ।
ଯେତେ ରଙ୍ଗେ ଯେତେ ନାମରେ ଅଛନ୍ତି
ତାହାର ହିସାବ ପାରିବ କିଏ ॥
ଯିଏ ଯେଉଁପରି କର୍ମ କରିଥାଏ
ସେହିପରି ତାର ହୁଏ ବିଚାର
ବିଚାରରେ ପ୍ରଭୁ କରେ ନାହିଁ ତ୍ରୁଟି
ସଚ୍ଚା ସିଏ ସଚ୍ଚା ତା ଦରବାର ॥
ଶୋଭୁଥାଏ ତହିଁ ସନ୍ଥଜନ ସଦା
ପ୍ରଭୁ ସମ୍ମୁଖରେ ଲଭି ସମ୍ମାନ
ପ୍ରଭୁ କୃପା ଦୃଷ୍ଟି ପଡ଼େ ତା ଉପରେ
ମଥାରେ ଲଭେ ସେ ମହାନିର୍ବାଣ ॥
କଞ୍ଚା କିଏ ଆଉ ପାଚିଲା କିଏ ସେ
ପରୀକ୍ଷାକୁ ସବୁ ହୁଅନ୍ତି ଠଣା
ପହଞ୍ଚିଲେ ପ୍ରଭୁ ନିକଟେ ନାନକ
ଭଲମନ୍ଦ ସବୁ ପଡ଼ଇ ଜଣା ॥୩୪ ।

ଧରମ ଖଣ୍ଡର ଏହାହିଁ ଧରମ
ଯାହା ଯାହା ମୁହିଁ କଲି ବଖାଣ
ଯାହା ଅଟେ ଜ୍ଞାନଖଣ୍ଡର କର୍ତ୍ତବ୍ୟ
ଆଗେ ଆଗେ ମୁହିଁ କହୁଛି ଶୁଣ ॥

ଛନ୍ତି ତହିଁ କେତେ ବାୟୁ ଜଳ ଅଗ୍ନି
ଛନ୍ତି କେତେ କୃଷ୍ଣ କେତେ ମହେଶ ।
କେତେ କେତେ ବ୍ରହ୍ମା ଗଢା ହେଉଛନ୍ତି
ଯାହା ରୂପ ରଙ୍ଗ ଅନେକ ବେଶ ॥
କେତେ କର୍ମଭୂମି ମେରୁ ପରବତ
କେତେ ଧ୍ରୁବ କେତେ ତା ଉପଦେଶ ।
ଛନ୍ତି କେତେ ଇନ୍ଦ୍ର କେତେ ଚନ୍ଦ୍ର ସୂର୍ଯ୍ୟ
କେତେ କେତେ ପୁରୀ ମଣ୍ଡଳ ଦେଶ ॥
ଛନ୍ତି ତହିଁ କେତେ ସିଦ୍ଧ ବୁଦ୍ଧ ନାଥ
ଅନେକ ବେଶରେ ଦେବୀ ଅନେକ
ଦେବତା ଦାନବ ମୁନି କେତେ ଛନ୍ତି
ଅସଂଖ୍ୟ ସମୁଦ୍ର ରତ୍ନ ଅସଂଖ୍ୟ ॥
ଜୀବ ରଚନାର କେତେ କେତେ ଖାଣି
କେତେ ବାଣୀ ଆଉ କେତେ ଶାସକ ।
କେତେ ଧ୍ୟାନ କେତେ ଧ୍ୟାନସ୍ଥ ସେବକ
ସେ ସବୁର ଅନ୍ତ ନାହିଁ ନାନକ ॥୩୫

ଜ୍ଞାନଖଣ୍ଡ ମଧ୍ୟେ ଜ୍ଞାନ ହିଁ ପ୍ରଚଣ୍ଡ
ଜ୍ଞାନର ଆଲୋକେ ସଦା ରଞ୍ଜିତ ।
କୋଟି ଆଧ୍ୟାତ୍ମିକ ସୁଖ ମିଳେ ତହିଁ
ଗୁଞ୍ଜେ ସଦା ଜ୍ଞାନ ନାଦ ସଙ୍ଗୀତ ।
ଶ୍ରମ ଖଣ୍ଡ ଅଟେ ଅତି ମନୋହର
ମିଳଇ ତହିଁରେ ସୁନ୍ଦର ରୂପ ।
ଗଢିହୁଏ ଯିଏ ଏହି ଖଣ୍ଡ ମଧ୍ୟେ
ହୋଇ ଆଉ ତାର ମନ ଅନୁପ ॥
ଯାହା ହୁଏ ତହିଁ କେ ପାରିବ କହି
ବର୍ଣ୍ଣନା ତାହାର କରି ନୁହଇ ।
ପଛେ ଅନୁତାପ କରିଥାଏ ସିଏ
କହିବାକୁ ଯିଏ ଚେଷ୍ଟା କରଇ ॥

ଗଢ଼ାହୁଅ ତହିଁ ବିକଶିତ କରି
ଜ୍ଞାନ ଧ୍ୟାନ ବୁଦ୍ଧି ଆଦର ମନ ।
ଗଢ଼ାହୁଅ ତହିଁ ଦେବତାଙ୍କ ବୁଦ୍ଧି
ସିଦ୍ଧଙ୍କ ପବିତ୍ର ଉତ୍ତମ ଜ୍ଞାନ ॥୩୬॥

ଆଧ୍ୟାତ୍ମିକ ବଳେ ଗଢ଼ା କର୍ମଖଣ୍ଡ
ସେ ବଳ ଲଭଇ ଭକତ ତହିଁ
ଏଣୁ ପ୍ରଭୁ ଜ୍ୟୋତି ହୋଇଅଛି ଯଦାପି
ଆଉ କିଛି ତହିଁ ନଥାଇ କାହିଁ ॥
ଏ ସୃଷ୍ଟିକି ସିଏ ହୁଅଇ ପ୍ରାପତ
ଯୋଦ୍ଧା ମହାବଳୀ ସେ ଶୂର ବୀର ।
ଅକାଳ ପୁରୁଷ ଶ୍ରୀରାମ ଜ୍ୟୋତିରେ
ପରିପୂର୍ଣ୍ଣ ଆଉ ସ୍ୱଚ୍ଛ ଯାହାର ॥
ଯେ ଏଥେ ପହଞ୍ଚି ପ୍ରଭୁ ମହିମାରେ
ପୂର୍ଣ୍ଣରୂପେ ସିଏ ଲୀନ ହୁଅଇ
ଆଧ୍ୟାତ୍ମିକ ରୂପ ସୌନ୍ଦର୍ଯ୍ୟ ବିକାଶେ
ବର୍ଣ୍ଣନା ଯାହାର କରି ନୁହଇ ॥
ଭ୍ରମରେ ପକାଇ ନପାରଇ ମାୟା
ମୃତ୍ୟୁ ତାକୁ କେବେ ନପାରେ ଛୁଇଁ ।
ବାସ କରେ ସଦା ଯା ହୃଦୟେ ରାମ
ତାକୁ କିଏ ଦୁଃଖ ପାରିବ ଦେଇ ॥
ସବୁ ଭୁବନର କେତେ ଭକ୍ତ ଜନ
ରହନ୍ତି ଏ ଠାବେ ପ୍ରସନ୍ନ ହୋଇ
ଆନନ୍ଦ ଉଲ୍ଲାସେ ରହନ୍ତି ସଭିଏଁ
ସଦା ପ୍ରଭୁଠାରେ ଧ୍ୟାନ ଲଗାଇ ॥
ଏହାର ଆଗକୁ ଅଛି ସତ୍ୟଖଣ୍ଡ
ପ୍ରଭୁ ନିରାକାର ବସନ୍ତି ଯହିଁ ।
ରଚି ରଚି ସୃଷ୍ଟି ହୋଇ କୃପାଦୃଷ୍ଟି
ଆନନ୍ଦେ ସକଳ ସୃଷ୍ଟି ପାଳଇ ॥

କେତେ କୋଟି ଖଣ୍ଡ ମଣ୍ଡଳ ବ୍ରହ୍ମାଣ୍ଡ
ସର୍ବ ଦିଗ ପୂରି ରହିଛି ତହିଁ ।
ଗଣନାରେ ତାର ଅନ୍ତ ମିଳେ ନାହିଁ
ସବୁରି କଥା କେ ପାରିବ କହି ॥

ଭୁବନ ଉପରେ ଭୁବନ ଏଠାକେ
ଅଗଣିତ ରୂପ ଆକାର ଅଛି ।
ଯେଉଁ ପରି ପ୍ରଭୁ ଦେଉ ଅଛନ୍ତି ଆଜ୍ଞା
ସର୍ବତ୍ର ସେପରି କାର୍ଯ୍ୟ ହେଉଛି ॥

ପରବ୍ରହ୍ମ ପ୍ରଭୁ କରଇ ବିଚାର
ଦେଖି ଦେଖି ସବୁ ହୁଅନ୍ତି ପ୍ରସନ୍ନ ।
ନାନକ ଏ ସେ କଥା କଥନ କରିବା
ଲୁହା ଚଣା ପରି ବଡ଼ କଠିନ ॥୨୭॥

ଇନ୍ଦ୍ରିୟ ନିଗ୍ରହ ହେଉ ତୋର ଚୁଲ୍ଲୀ
ସୁବର୍ଣ୍ଣକାର ହେଉ ଧୈର୍ଯ୍ୟ ତୋହର ।
ବୁଦ୍ଧିକୁ ତୋହର କର ତୁ ନିହାଇ
ଜ୍ଞାନକୁ କରତୁ ତୋ ହତିଆର ॥
ପ୍ରଭୁ ଭୟକୁ ତୁ କର ଫୁଙ୍କାନଳି
ତପ ତାପ ତୋର ଦିଅ ତତାଇ ।
ରଖି ହୃଦୟର ପ୍ରେମ କୋଉ ତହିଁ
ଫୁଙ୍କି ଦେଇ ଅଗ୍ନି ଦିଅ ଜଳାଇ ॥
ହୃଦୟର ସତ୍ୟ ଭକତି ଅମୃତ
ତରଳାଇ ଦିଅ ପ୍ରେମ କୋଉରେ ।
ତହିଁ ନାମର ସତ୍ୟ ଟଙ୍କାଶାଳ
ନାମ ସ୍ୱର୍ଣ୍ଣମୁଦ୍ରା ଗଢ଼ ତହିଁରେ ॥
ପ୍ରଭୁ କୃପା ଦୃଷ୍ଟି ଯା ଉପରେ ଥାଇ
ସତ୍ୟ ନାମ ଶିକ୍ଷ ଗଢ଼ି ସେ ପାରେ ।
ନାନକ ଲଭି ସେ ପ୍ରଭୁ କୃପା ଦୃଷ୍ଟି
ପୂର୍ଣ୍ଣ ମନୋରଥ ହୁଏ ସଂସାରେ ॥୨୮

* ଭୁବନ :- ଲୋକ - ଦେବଲୋକ / ଇନ୍ଦ୍ରଲୋକ ଆଦି
* ନିହାଇ :- ଲୁହାମୁଣ୍ଡା ଯାହା ଉପରେ ତେଲ୍ଲ ସୁନା ରୁପା ଥୁଇ ସୁନାରି ହାତୁଡ଼ିରେ ପିଟି ଅଳଙ୍କାର ତିଆରି କରନ୍ତି ।
* କୋଉ :- ଧାତୁ ଓତରିବା ପାତ୍ର ।

॥ ଶ୍ଳୋକ ॥

ପବନ ହିଁ ଗୁରୁ ପାଣି ଅଟେ ପିତା
ପୂଜନୀୟା ମାତା ଅଟଇ ଧରା ।
ଦିବା ରାତ୍ରୀ ଦୁଇ ସେବକ ସେବିକା
ଲୀଳା ଖେଳା କରେ ଜଗତ ସାରା ॥

ପ୍ରାଣୀଙ୍କର ଭଲ ମନ୍ଦ ଯେତେ ସବୁ
ପ୍ରଭୁ ଆଗେ ଧର୍ମ କରେ ବିଚାର ।
ଆପଣା ଆପଣା କାଲୁ କର୍ମ ଘେନି
କେ ହୁଏ ନିକଟ କେ ହୁଏ ଦୂର ॥

ସ୍ମରଣ କରଇ ପ୍ରଭୁ ନାମ ଯିଏ
ହୁଅଇ ତାହାର ଶ୍ରମ ସଫଳ
ମୁକତି ଲଭନ୍ତି ଯେତେ ତା ସଙ୍ଗତେ
'ନାନକ' ତା ମୁଖ ହୁଏ ଉଜ୍ଜ୍ୱଳ ॥୧

—— • ——